THE SAMAJ

## କବି ଜୟନ୍ତ ମହାପାତ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ସଦସ୍ୟତା

# 'ଅନ୍ୟ ଭାରତୀୟ କବିଙ୍କଠାରୁ ଭିନ୍ନ ହେଉଛନ୍ତି ଜୟନ୍ତ'



କବି ଜୟନ୍ତ ମହାପାତ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ସଦସ୍ୟତା ପ୍ରଦାନ କରାଯାଉଛି

କଟକ, ୨୫।୫(ଆ.ପ୍ର.) : କବି ଜୟନ୍ତ ମହାପାତ୍ରଙ୍କ ସର୍ଜନାରେ ରହିଛି ସାଧାରଣ ଲୋକଙ୍କ ଜୀବନ ଯାତ୍ରାର କଥା। ଜନଜୀବନର କଥା ହିଁ ତାଙ୍କ କବିତାରେ ବର୍ଣ୍ଣିତ। ଅନ୍ୟ ଭାରତୀୟ କବିମାନଙ୍କ ଠାରୁ ଭିନ୍ନ କବି ହେଉଛନ୍ତି ଜୟନ୍ତ ମହାପାତ୍ର। ତାଙ୍କର ନିଷ୍ଠାପର ସାଧନା ତାଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଆଣିଦେଇଛି; ଯାହା ପରପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି କବି ଜୟନ୍ତଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ମହତ୍ତର ସଦସ୍ୟତା ପ୍ରଦାନ କରି ଅକାଦେମିର ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବର କହିଛନ୍ତି।

ସଦସ୍ୟତା ପଦ ଗ୍ରହଣ କରି କବି ଜୟନ୍ତ ମହାପାତ୍ର କହିଲେ, ଓଡ଼ିଶା ହେଉଛି ମୋର ଜନ୍ମଭୂମି ଯେଉଁଠି ମୋର ସମଗ୍ର ଜୀବନ କଟିଛି। ମୁଁ କେବେହେଲେ ଓଡ଼ିଶା ବିଷୟରେ ମୋର ଲେଖାକୁ ବନ୍ଦ କରିବି ନାହିଁ। କବିତା ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ମାନବିକ ଉଚ୍ଛ୍ୱାସ। କବିତା ପୁସ୍ତକ ଜୀବନ ନୁହେଁ, ମାତ୍ର କବିତା ଲେଖିବା ହେଉଛି ଜୀବନ। କବିତା ହେଉଛି ଜୀବନର ପ୍ରଥମ ପରିପ୍ରକାଶ ବୋଲି ସେ କହିଥିଲେ।

ପ୍ରାରମ୍ଭରେ ଅକାଦେମୀର ସଚିବ କେ. ଶ୍ରୀନିବାସ ରାଓ ମାନପତ୍ର ପାଠ କରି କବି ଶ୍ରୀ ମହାପାତ୍ରଙ୍କ ସାହିତ୍ୟକୃତିଗୁଡ଼ିକ ଆବେଗ, ଅନୁରାଗରେ ବର୍ଣ୍ଣିଳ ବୋଲି କହିଥିଲେ। ମହତ୍ତର ସଦସ୍ୟତା ପ୍ରଦାନର 'ସମ୍ବାଦ' କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ସୁକୃତ ପଲକୁମାର କହିଲେ, କବିତାରେ ଅନେକ ବିରୋଧାଭାସ ଥିଲେ ବି ତା'ଠାରୁ ବେଶୀ ପାରମ୍ପରିକତା ରହିଛି। ମଣିଷକୁ ତିଆରି କରିବାର ଉପାଦାନ କବିତାରେ ରହିଛି। କବିତା ହେଉଛି ଏକ ଆନ୍ଦୋଳନ, ଯାହା ଜନଜୀବନର ଛବିକୁ ପ୍ରତିଫଳିତ କରିଥାଏ। ଏହି ଅବସରରେ ଦୁର୍ଗା ପ୍ରସାଦ ପାଣ୍ଡେଙ୍କ ସମ୍ପାଦିତ 'ଜୟନ୍ତ ମହାପାତ୍ର ଏ ରିଡର' ଇଂରାଜୀ ପୁସ୍ତକକୁ କେନ୍ଦ୍ର ସାହିତ୍ୟ ଅକାଦେମୀର ପ୍ରାକ୍ତନ ସଭାପତି କବି ରମାକାନ୍ତ ରଥ ଉନ୍ମୋଚନ କରିଥିଲେ।

ଅନ୍ୟତମ ସମାଲୋଚକ ପ୍ରଫେସର ଅରୁଣ କମଲ କହିଲେ, ଜୀବନର ବ୍ୟାଖ୍ୟା କରେ କବିତା। କବି ଜୀବନକୁ ଆମ ପାଇଁ ପୁନଃ ବ୍ୟାଖ୍ୟା କରିଥାଏ, ଯାହା ଜୟନ୍ତ ମହାପାତ୍ରଙ୍କ କବିତାରେ ଦେଖିବାକୁ ମିଳେ। ତାଙ୍କର କୃତିଗୁଡ଼ିକ ମଧ୍ୟରେ ଅନେକ ବିରଳତା ଦେଖିବାକୁ ମିଳେ। ତାଙ୍କର ଅନେକ କବିତା 'ଭୋକ'କୁ ନେଇ ରଚିତ। ଖାଣ୍ଟି ଓଡ଼ିଆମି ତାଙ୍କ କବିତାରେ ପରିଲକ୍ଷିତ ହୋଇଥାଏ। କବି ଜୟନ୍ତଙ୍କୁ ଓଡ଼ିଆ ଓ ଇଂରାଜୀ ସାହିତ୍ୟରେ ଜଣେ ନାୟକ ବୋଲି ସେ ଅଭିହିତ କରିଥିଲେ। ଯତୀନ୍ଦ୍ର କୁମାର ନାୟକ କହିଲେ, କବି ଜୟନ୍ତ ହେଉଛନ୍ତି ବିଶ୍ୱକୁ ଭଲ ପାଉଥିବା ଜଣେ ମଣିଷ। ଓଡ଼ିଶା ପ୍ରତି ନିଜର ଦାୟବଦ୍ଧତା କବିଙ୍କ ରଚନାରେ ପ୍ରତିଫଳିତ ହୋଇଛି।

ଅକାଦେମୀର ଓଡ଼ିଆ ପରାମର୍ଶ ପରିଷଦର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଲେ, ଏକାଦେମିର ଚୟନ ହୋଇଥିବା ୨୧ ଜଣ ମହତ୍ତର ସଦସ୍ୟଙ୍କ ମଧ୍ୟରୁ ଓଡ଼ିଶାରୁ ୪ ଜଣଙ୍କୁ ସ୍ଥାନିତ କରାଯାଇଛି। ପ୍ରଥମେ କବି ଜୟନ୍ତଙ୍କୁ ସଦସ୍ୟତା ପ୍ରଦାନ କରାଯାଇଥିବା ବେଳେ ଆଉ ୩ ଜଣଙ୍କୁ ପରେ ପ୍ରଦାନ କରାଯିବ। କବି ଜୟନ୍ତଙ୍କ ସାହିତ୍ୟରେ ଓଡ଼ିଶା ମାଟିର କଥା ଓ ଜୀବନର ଗାଥା ସ୍ପନ୍ଦିତ ହୋଇଛି ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ପରାମର୍ଶ ପରିଷଦର ସଭ୍ୟ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ଅମରେଶ ପଟ୍ଟନାୟକ, ସେକ୍ ମତ୍‌ଲୁବ ଅଲି, ମାଳବିକା ରାୟ, ହରପ୍ରସାଦ ଦାସ, ଦାଶରଥି ଦାସ, ଇଂ ପ୍ରଭାକର ସ୍ୱାଇଁ, ଓଡ଼ିଆ ପରାମର୍ଶ ପରିଷଦ ସଭ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ଡ. ପ୍ରଦୀପ୍ତ କୁମାର ପଣ୍ଡା, ବିମଳ ଜେନା, ସୁଶାନ୍ତ କୁମାର ନାୟକ ଓ କ୍ଷେତ୍ରବାସୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

NITIDIN

### କବି ଜୟନ୍ତ ପ୍ରେରଣାର ଉତ୍ସ: ଡକ୍ଟର କମ୍ବର

# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଫେଲୋଶିପ୍ ପ୍ରଦାନ




କଟକ,୨୫।୫/ଏନ୍‌ଏନ୍‌ଏସ୍ : କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କୁ ଅନୁଷ୍ଠାନର ମର୍ଯ୍ୟାଦାଜନକ ଫେଲୋଶିପ୍ ପ୍ରଦାନ କରାଯାଇଛି । ଶନିବାର ଅପରାହ୍ଣରେ ଶତାବ୍ଦୀ ଭବନରେ ଅନୁଷ୍ଠିତ ଏକ ମନୋଜ୍ଞ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବର କବି ମହାପାତ୍ରଙ୍କୁ ଫେଲୋଶିପ୍ ପ୍ରଦାନ କରି ନିଷ୍ଠାପର ସାରସ୍ୱତ ସାଧନା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କୁ ଖ୍ୟାତି ଆଣି ଦେଇଛି ବୋଲି କହିଥିଲେ । ଶ୍ରୀ ମହାପାତ୍ରଙ୍କ ସୃଜନଶୀଳ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ଓ ପର ପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ ।

ଏହି ଅବସରରେ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସଙ୍କଳିତ 'ଜୟନ୍ତ ମହାପାତ୍ର ଏ ରିଡର' ଇଂରାଜୀ ଗ୍ରନ୍ଥକୁ ପଦ୍ମଭୂଷଣ ରମାକାନ୍ତ ରଥ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସଚିବ କେ. ଶ୍ରୀନିବାସ ରାଓ ମାନପତ୍ର ପାଠ କରିବା ସହ ଜୟନ୍ତ ମହାପାତ୍ରଙ୍କ ସାହିତ୍ୟ କୃତୀ ଅନନ୍ୟ ଓ ଆବେଗ ଅନୁରାଗରେ ବର୍ଣ୍ଣିତ ବୋଲି କହିଥିଲେ । ଫେଲୋସିପ୍ ପ୍ରଦାନର କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ସୁବ୍ରତ ପଲକୁମାର, ଅରୁଣ କମଲ ଓ ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ଜୟନ୍ତ ମହାପାତ୍ରଙ୍କ ସାହିତ୍ୟ କୃତୀର ବିଭିନ୍ନ ଦିଗ ଓ ଏହାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ସେ ସାହିତ୍ୟରେ ନୂଆ ଧାରା ସୃଷ୍ଟି କରିଛନ୍ତି ବୋଲି ବକ୍ତାମାନେ କହିଥିଲେ । ତାଙ୍କୁ ସମ୍ମାନ ଦେବା ଅର୍ଥ କବିତା ସାହିତ୍ୟକୁ ସମ୍ମାନ ଦିଆଯିବ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ମହାପାତ୍ର କହିଥିଲେ । ଓଡ଼ିଆ ପରାମର୍ଶ ପରିଷଦର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କେନ୍ଦ୍ର ସାହିତ୍ୟ ଏକାଡେମୀର ମହତ୍ତର ସଦସ୍ୟ ପଦ ଓ କବି ଜୟନ୍ତ ମହାପାତ୍ରଙ୍କ କାବ୍ୟ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ ।

ତାଙ୍କ ସାହିତ୍ୟରେ ଓଡ଼ିଶା ମାଟିର କଥା ଓ ଜୀବନର ଗାଥା ସ୍ପନ୍ଦିତ ହୋଇଛି ବୋଲି ଡକ୍ଟର ସିଂହ କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶ ପରିଷଦର ସଭ୍ୟ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି କବି ରମାକାନ୍ତ ରଥ, ହରପ୍ରସାଦ ଦାସ, ସେକ୍ ମତଲୁବ୍ ଅଲ୍ଲୀ, ଦାଶରଥି ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଅମରେଶ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଓଡ଼ିଆ ପରାମର୍ଶ ପରିଷଦ ସଭ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା, ବିମଳ ଜେନା, ସୁଶାନ୍ତ କୁମାର ନାୟକ, କ୍ଷେତ୍ରବାସୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଆସିବା ବଦଳରେ ବ୍ରହ୍ମପୁରରେ ହତ୍ୟା ଷଡ଼ଯନ୍ତ୍ର ହୋଇଥିଲା ବୋଲି ଅନୁମାନ କରାଯାଉଛି।

ପାରି ନାହିଁ। ପ୍ରାଣୀ ଚିକିତ୍ସକ ଦଳ ହାତୀଟିର ରକ୍ତ ନମୁନା

SAMBAD

# କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ କବି ଜୟନ୍ତ ମହାପାତ୍ରଙ୍କୁ ଫେଲୋସିପ୍

କଟକ,୨୫।୫(ଇମିସ): କବି ଜୟନ୍ତ ମହାପାତ୍ର ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ। ତାଙ୍କ କବିତାରେ ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଥାଏ ବୋଲି କେନ୍ଦ୍ର ସାହିତ୍ୟ ଅକାଦେମି ସଭାପତି ପଦ୍ମଶ୍ରୀ ଚନ୍ଦ୍ରଶେଖର କମ୍ବର କହିଛନ୍ତି। କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଶତାବ୍ଦୀ ଭବନରେ ଆୟୋଜିତ 'ସାହିତ୍ୟ ଅକାଦେମି ସର୍ବୋଚ୍ଚ ସମ୍ମାନ ଫେଲୋସିପ' ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ କମ୍ବର ଜୟନ୍ତ ମହାପାତ୍ରଙ୍କୁ ଜୀବନ୍ତ କିମ୍ବଦନ୍ତୀ ବୋଲି ବର୍ଣ୍ଣନା କରିଥିଲେ। କବିତା ମାଧ୍ୟମରେ କବି ଶ୍ରୀ ମହାପାତ୍ର ସାଧାରଣ ଲୋକଙ୍କ ସୁଖଦୁଃଖଠୁ ଆରମ୍ଭ କରି ପ୍ରାକୃତିକ ସୌନ୍ଦର୍ଯ୍ୟ, ଜନ୍ମଭୂମି କଟକକୁ ଅତି ନିଖୁଣ ଭାବେ ବର୍ଣ୍ଣନା ନିଜ କବି ପ୍ରତିଭାର ପରିଚୟ ଦେଇଛନ୍ତି ବୋଲି ପଦ୍ମଶ୍ରୀ କମ୍ବର ମତବ୍ୟକ୍ତ କରିଥିଲେ।



କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଶତାବ୍ଦୀ ଭବନରେ ଆୟୋଜିତ ଫେଲୋସିପ୍ ପ୍ରଦାନ ଉତ୍ସବରେ ଅକାଦେମି ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ କବି ଜୟନ୍ତ ମହାପାତ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମିର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଫେଲୋସିପ୍' ପ୍ରଦାନ କରାଯାଇଥିଲା। ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ କହିଲେ ଭାରତ କବିତାର ଭୂମି ହୋଇଥିବା ବେଳେ ଏଥିରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଓଡ଼ିଶା ଏକମାତ୍ର ଭୂମି; ଯେଉଁଠି ବିଖ୍ୟାତ କବି ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ମନୋଜ ଦାସ ଓ ଜୟନ୍ତ ମହାପାତ୍ରଙ୍କ ଭଳି ୪ଜଣ ଜୀବନ୍ତ ଫେଲୋ ସାରସ୍ୱତ ସାଧନାରେ ସକ୍ରିୟ ଅଛନ୍ତି। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ ବିଷୟ ବୋଲି ସଚିବ ଶ୍ରୀ ରାଓ ମତବ୍ୟକ୍ତ କରିଥିଲେ। ଜୟନ୍ତ ମହାପାତ୍ରଙ୍କ କବିତାରେ ତାଙ୍କ ଗଭୀର ଅନୁଶୀଳନ ଓ ଜୀବନର ଅନୁଭୂତି ସୁନ୍ଦର ଓ ନିଖୁଣ ଭାବେ ବର୍ଣ୍ଣିତ ହୋଇଥିବାରୁ ତାହା ସମୟ ଓ ଇତିହାସର ଊର୍ଦ୍ଧ୍ୱରେ ବୋଲି ଶ୍ରୀନିବାସ ରାଓ ମତପୋଷଣ କରିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଉତ୍କଳ ସାହିତ୍ୟ ସମାଜ ସଭାପତି ତଥା କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଜୟନ୍ତ ମହାପାତ୍ରଙ୍କ କବିତା ଓ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାହିତ୍ୟ ଅକାଦେମୀ ପକ୍ଷରୁ ପ୍ରକାଶିତ 'ଜୟନ୍ତ ମହାପାତ୍ର: ଏ ରିଡର୍' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅକାଦେମିର ପ୍ରାକ୍ତନ ସଭାପତି ରମାକାନ୍ତ ରଥ ଏହି ପୁସ୍ତକକୁ କବି ମହାପାତ୍ରଙ୍କୁ ପ୍ରଦାନ କରିଥିଲେ।

କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡକ୍ଟର ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନରେ କବି ଜୟନ୍ତ ମହାପାତ୍ରଙ୍କ ଆଧାରିତ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲେଖିକା ସୁକୃତ ପଲକୁମାର, ଶିକ୍ଷାବିତ ପ୍ରଫେସର ଅରୁଣ କମଲ ଓ ବିଶିଷ୍ଟ ଗବେଷକ ପ୍ରଫେସର ଡକ୍ଟର ଯତୀନ୍ଦ୍ର କୁମାର ନାୟକ କବି ଜୟନ୍ତ ମହାପାତ୍ରଙ୍କ ବିଷୟରେ ଆଲୋଚନା କରିଥିଲେ। ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସମାରୋହରେ ବହୁ ବିଶିଷ୍ଟ କବି ବ୍ୟକ୍ତି ଉପସ୍ଥିତ ଥିଲେ।

ପ୍ରମେୟ
THE PRAMEYA

PRAMEYA

# କବି ଜୟନ୍ତ ପ୍ରେରଣାର ଉତ୍ସ: ଡକ୍ଟର କମ୍ବର

## କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଫେଲୋସିପ୍ ପ୍ରଦାନ

କଟକ, ୨୫।୫(ବ୍ୟୁରୋ): ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ କବି ଜୟନ୍ତ ମହାପାତ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଅନୁଷ୍ଠାନର ମର୍ଯ୍ୟାଦାଜନକ ମହତ୍ତର ସଦସ୍ୟତା (ଫେଲୋସିପ୍) ପ୍ରଦାନ କରାଯାଇଛି। ଶନିବାର ଅପରାହ୍ନ ୫ଟାରେ ଶତାବ୍ଦୀ ଭବନରେ ଅନୁଷ୍ଠିତ ଏକ ମନୋଜ୍ଞ ଉତ୍ସବରେ ସାହିତ୍ୟ ଅକାଦେମିର ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବର କବି ମହାପାତ୍ରଙ୍କୁ ମହତ୍ତର ସଦସ୍ୟତା ପ୍ରଦାନ କରିଥିଲେ। ଜୟନ୍ତଙ୍କ ନିଷ୍ଠାପର ସାରସ୍ୱତ ସାଧନା ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କୁ ଖ୍ୟାତି ଆଣିଦେଇଛି ଡକ୍ଟର କମ୍ବର ମତବ୍ୟକ୍ତ କରିବା ସହ ଶ୍ରୀ ମହାପାତ୍ରଙ୍କ ସର୍ଜନଶୀଳ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଓ ପରପିଢ଼ି ପାଇଁ ସେ ପ୍ରେରଣାର ଉତ୍ସ ବୋଲି କହିଛନ୍ତି।




ଉତ୍ସବର ପ୍ରାରମ୍ଭରେ ଅନୁଷ୍ଠାନର ସଚିବ କେ. ଶ୍ରୀନିବାସ ରାଓ ମାନପତ୍ର ପାଠ କରିବା ସହ ଜୟନ୍ତ ମହାପାତ୍ରଙ୍କ ସାହିତ୍ୟକୃତି ଅନନ୍ୟ ଓ ଆବେଗ ଅନୁରାଗରେ ବର୍ଣ୍ଣିଳ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମହତ୍ତର ସଦସ୍ୟତା (ଫେଲୋସିପ୍) ପ୍ରଦାନର 'ସମ୍ବାଦ' କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ସୁକ୍ରତ ପଲକୁମାର, ଅରୁଣ କମଲ ଓ ପ୍ରଫେସର୍ ଯତୀନ୍ଦ୍ର କୁମାର ନାୟକ ବକ୍ତବ୍ୟ ପ୍ରଦାନ କରି ଜୟନ୍ତ ମହାପାତ୍ରଙ୍କ ସାହିତ୍ୟ କୃତିର ବିଭିନ୍ନ ଦିଗ ଓ ଏହାର ବୈଶିଷ୍ଟ୍ୟ କେବଳ ଭାରତୀୟ ସାହିତ୍ୟର ପ୍ରେକ୍ଷାପଟରେ ନୁହେଁ, ଅନ୍ତର୍ଜାତୀୟ କ୍ଷେତ୍ରରେ ସ୍ୱତନ୍ତ୍ର ଆସନର ଅଧିକାର କରିଛି ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଓଡ଼ିଆ ପରାମର୍ଶ ପରିଷଦର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କେନ୍ଦ୍ର ସାହିତ୍ୟ ଅକାଦେମିର ମହତ୍ତର ସଦସ୍ୟ ପଦ ଏବଂ କବି ଜୟନ୍ତ ମହାପାତ୍ରଙ୍କ କାବ୍ୟ ସାଧନା ସଂପର୍କରେ ବିଶେଷ ବକ୍ତବ୍ୟ ଦେଇ ତାଙ୍କର ସାହିତ୍ୟରେ ଓଡ଼ିଶାର ମାଟିର କଥା ଓ ଜୀବନର ଗାଥା ସ୍ପନ୍ଦିତ ହୋଇଛି ବୋଲି କହିଥିଲେ। ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ କେନ୍ଦ୍ର ସାହିତ୍ୟ ଅକାଦେମିର ଓଡ଼ିଆ ପରାମର୍ଶ ପରିଷଦର ସଭ୍ୟ ତରୁଣ କୁମାର ସାହୁ। ଉତ୍ସବରେ କେନ୍ଦ୍ର ସାହିତ୍ୟ ଅକାଦେମିର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ କବି ରମାକାନ୍ତ ରଥ, ହରପ୍ରସାଦ ଦାସ, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ, ପ୍ରଫେସର ଦାଶରଥି ଦାସ, କେନ୍ଦ୍ର ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ଅମରେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ପରାମର୍ଶ ପରିଷଦ ସଭ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା, ବିମଳ ଜେନା, ସୁଶାନ୍ତ କୁମାର ନାୟକ ଓ କ୍ଷେତ୍ରବାସୀ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।